## GANGADHAR MEHER UNIVERSITY, SAMBALPUR

## Report on Extra-Mural Lecture/ Seminar/ Webinar/ Workshop, etc.

| | | | | | |
|---|---|---|---|---|---|
| Name of the organizing School(s) | Gangadhar Meher University | | | | |
| Title of the event | Campaign on Plastic Free programme under the scheme of NUA-O(IYDP) | | | | |
| Date (DD/MM/YYYY) or Period (DD/MM/YYYY to DD/MM/YYYY) of the event | 05.12.2023 | | | | |
| Name/Designation of the Convener(s) of the event | Dr. Atula Kumar Pradhan (Nodal Officer) | | | | |
| Resource Persons Details | Sl.No | R.P. Name | Designation | Affiliation | Website link (if any) |
| | | | | | |
| | | | | | |
| Participant's details | A. No. of student participants from GMU | 150 | | | |
| | B. No. of student participants from outside GMU | 00 | | | |

<table>
<tr><td rowspan="5"></td><td colspan="2">C. No. of faculty participants from GMU</td><td colspan="3">03</td></tr>
<tr><td colspan="2">D. No. of professional participants (faculty/industry person etc.) from outside GMU</td><td colspan="3">01</td></tr>
<tr><td colspan="2">Total number of participants (A+B+C+D)</td><td colspan="3">154</td></tr>
<tr><td rowspan="3">Name and address of University/ institute of the outside participants (up to 10)</td><td>S.No.</td><td colspan="2">Name of the University/institute</td><td>Address of the University</td></tr>
<tr><td>1</td><td colspan="2"></td><td></td></tr>
<tr><td></td><td>2</td><td colspan="2"></td><td></td></tr>
<tr><td>Description about the event (200-300 words) and its Significance/Scope (100-200 words)</td><td colspan="5">Gangadhar Meher University conducted a Campaign on Plastic Free under the scheme of NUA-O(IYDP), Govt.of Odisha) at hostels of GM University on 05th December 2023 at 8.30 am. Dr. Neena Das, Assistant Professor of Education and Nilamadhav Pradhan SWO, GM University joined in this programme. In this programme boarders of hostels trained about the plastic free. Honarble Vice Chancellor Prof. N. Najaraju and Chariperson PG Council Prof.Sushant Kumar Das inaugurated this programme. The students took a awareness rally from the main gate to Fatak bazar via Malipada,university staff quarters, hostels.</td></tr>
<tr><td>Poster and Photograph/Media Clip of the event (insert upto 4 nos. of documents including poster)</td><td colspan="3">
</td><td colspan="2"></td></tr>
</table>









# ଜିଏମୟୁ ସମ୍ପ୍ରସାରିତ କାର୍ଯ୍ୟକ୍ରମ 'ପ୍ଲାଷ୍ଟିକ ମୁକ୍ତ ପରିବେଶ'

ସମ୍ବଲପୁର,୫।୧୨(କାର୍ଯ୍ୟାଳୟ): ସୁସ୍ଥ ସମାଜର ପରିକଳ୍ପନା ଏକ ସୁସ୍ଥ ପରିବେଶରୁ ଆରମ୍ଭ ହୋଇଥାଏ। ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ଯୁବସମାଜ ତଥା ଛାତ୍ରଛାତ୍ରୀଙ୍କ ଅବଦାନ ଅତୁଳନୀୟ। ଓଡ଼ିଶା ସରକାରଙ୍କ ଯୁବ ଉତ୍ସବ 'ନୂଆ -ଓ' କାର୍ଯ୍ୟକ୍ରମରେ ସମ୍ବଲପୁରରେ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସକାଶେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ 'ପ୍ଲାଷ୍ଟିକ ମୁକ୍ତ ପରିବେଶ' ଶୀର୍ଷକ ଅନନ୍ୟ ପ୍ରୟାସ ଆରମ୍ଭ କରିଛନ୍ତି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗରାଜୁ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତା କରିଥିବାବେଳେ 'ନୂଆ -ଓ' କାର୍ଯ୍ୟକ୍ରମ ସଂଯୋଜକ ଏବଂ ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉପଯୋଗିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରୁ ଏକ ସଚେତନତା ଶୋଭାଯାତ୍ରା ଫାଟକ, ମାଳିପଡା, ଷ୍ଟେସନ ରୋଡ ଆଦି ପରିକ୍ରମା କରିଥିଲା। ଦୋକାନୀ ମାନଙ୍କୁ ପ୍ଲାଷ୍ଟିକ ଛାଡ଼ି କପଡ଼ା ଏବଂ କାଗଜରେ ତିଆରି ବ୍ୟାଗ ଭଳି ସାମଗ୍ରୀ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସହସଂଯୋଜକ ଏବଂ ଜାତୀୟ ସେବା ଯୋଜନାର ଡଃ ନିନା ଦାସ ଏବଂ ଛାତ୍ର ମଙ୍ଗଳ ଅଧିକାରୀ ନୀଳମାଧବ ପ୍ରଧାନ ଯୋଗ ଦେଇଥିଲେ।



# ସୁନ୍ଦର, ସ୍ୱଚ୍ଛ ପରିବେଶ ପାଇଁ 'ଯୁବଗୋଷ୍ଠୀ ଆଗେଇ ଆସ'

## ଜିଏମ୍‌ୟୁରେ 'ନୂଆ-ଓ' କାର୍ଯ୍ୟକ୍ରମ

ସମ୍ବଲପୁର, ୫।୧୨(ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପ୍ଲାଷ୍ଟିକମୁକ୍ତ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ଯୁବ ଛାତ୍ରଛାତ୍ରୀମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ସମାଜର ପରିକଳ୍ପନା ଏକ ସୁସ୍ଥ ପରିବେଶରୁ ହିଁ ଆରମ୍ଭ ହୋଇଥାଏ। ଏହି ସନ୍ଦେଶକୁ ଜନମାନସରେ ପହଞ୍ଚାଇବା ଲକ୍ଷ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଶା ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଜରିଆରେ ଆଗେଇଛି। ପ୍ଲାଷ୍ଟିକମୁକ୍ତ ପରିବେଶ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡ଼ ଅତୁଲ କୁମାର ପ୍ରଧାନ 'ନୂଆ-ଓ' କାର୍ଯ୍ୟକ୍ରମର ଲକ୍ଷ୍ୟ, ଉପଯୋଗିତା ଏବଂ ଏହାର ସୁଦୂରପ୍ରସାରୀ ଲାଭ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଶ୍ୱ ବିଦ୍ୟାଳୟର ମୁଖ୍ୟ ଫାଟକରୁ ଆରମ୍ଭ କରି ଫାଟକ ବଜାର, ମାଳିପଡ଼ା, ଷ୍ଟେସନ ରୋଡ ଆଦି ସ୍ଥାନରେ ଏକ ସଚେତନତା ପଦଯାତ୍ରା ହୋଇଥିଲା। ଏହା ବ୍ୟତୀତ ସମସ୍ତ ଦୋକାନୀମାନଙ୍କୁ ପ୍ଲାଷ୍ଟିକ୍ ଛାଡି କପଡ଼ା ଏବଂ କାଗଜରେ ତିଆରି ଜିନିଷକୁ ବ୍ୟବହାର କରିବାକୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସହ ସଂଯୋଜକ ଏବଂ ଜାତୀୟ ସେବା ଯୋଜନାର ଡ଼ ନିନା ଦାସ ଏବଂ ଛାତ୍ର ମଙ୍ଗଳ ଅଧିକାରୀ ନୀଳମାଧବ ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଜିଏମ୍‌ୟୁର ପ୍ଲାଷ୍ଟିକମୁକ୍ତ ଅଭିଯାନ ପଦଯାତ୍ରା




ସମ୍ବଲପୁର, ୫।୧୨ (ଇମିସ): ସୁସ୍ଥ ସମାଜ ଆମ ପରିବେଶରୁ ହିଁ ଆରମ୍ଭ ହୋଇଥାଏ। ପରିବେଶକୁ ସୁସ୍ଥ ରଖିବାକୁ ହେଲେ ପ୍ରଦୂଷଣ ଉପରେ ରୋକ ଲଗାଇବାକୁ ପଡ଼ିବ। ଲୋକଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପକ୍ଷରୁ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ମଙ୍ଗଳବାର କରାଯାଇଥିଲା। ପ୍ଲାଷ୍ଟିକ ମୁକ୍ତ ପରିବେଶ ଶୀର୍ଷକ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ର. ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉପଯୋଗିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଠନ ପାଇଁ ଏକ ପଦଯାତ୍ରା କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟଳୟର ମୁଖ୍ୟ ଫାଟକରୁ ଏହି ସଚେତନତା ପଦଯାତ୍ରା କରିବା ସହ ଦୋକାନୀମାନଙ୍କୁ ପ୍ଲାଷ୍ଟିକ୍ ଛାଡି କପଡା ଏବଂ କାଗଜରେ ତିଆରି ଜିନିଷକୁ ବ୍ୟବହାର କରିବାକୁ ବୁଝାଇଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଡ. ନିନା ଦାସ ଏବଂ ଛାତ୍ର ମଙ୍ଗଳ ଅଧିକାରୀ ନୀଳମାଧବ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଜିଏମ୍‌ୟୁରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ




ସମ୍ବଲପୁରରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ।

**ସମ୍ବଲପୁର,୫।୧୨(ବି.ଶଙ୍କର):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗରାଜୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ନୂଆ –ଓ କାର୍ଯ୍ୟକ୍ରମର ସଂଯୋଜକ ତଥା ଇତିହାସ ବିଭାଗୀୟ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଥିରେ ୧ଶହରୁ ଅଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବିଶ୍ୱବିଦ୍ୟଳୟର ମୁଖ୍ୟ ଫାଟକରୁ ଆରମ୍ଭ କରି ଫାଟକ ବଜାର, ମାଳିପଡା, ଷ୍ଟେଶନ ରୋଡ ପ୍ରଭୃତି ସ୍ଥାନରେ ସଚେତନତା ପଦଯାତ୍ରା ହୋଇଥିଲା। ଦୋକାନୀମାନଙ୍କୁ ପ୍ଲାଷ୍ଟିକ ଛାଡି କପଡା ଓ କାଗଜରେ ତିଆରି ଜିନିଷ ବ୍ୟବହାର କରିବାକୁ କୁହାଯାଇଥିଲା। ଜାତୀୟ ସେବା ଯୋଜନାର ଡ. ନିନା ଦାସ ଓ ଛାତ୍ର ମଙ୍ଗଳ ଅଧିକାରୀ ନୀଳମାଧବ ପ୍ରଧାନ ଉପସ୍ଥିତ ଥିଲେ ।

# ଜିଏମ୍‌ୟୁରେ ପ୍ଲାଷ୍ଟିକ ମୁକ୍ତ ସମ୍ପ୍ରସାରିତ କାର୍ଯ୍ୟକ୍ରମ



ସମ୍ବଲପୁର,୫।୧୨(ବ୍ୟୁରୋ): ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ଯୁବ ଛାତ୍ର ଛାତ୍ରୀଙ୍କ ଅବଦାନ ଅତୁଳନୀୟ। ତେଣୁ ଏହି ସୁସ୍ଥ ସମାଜର ପରିକଳ୍ପନା ଏକ ସୁସ୍ଥ ପରିବେଶରୁ ହିଁ ଆରମ୍ଭ ହୋଇଥାଏ। ଏହି ସନ୍ଦେଶକୁ ଜନ ମାନସରେ ପହଞ୍ଚାଇବା ଲକ୍ଷରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ମାଧମରେ ସମ୍ବଲପୁରକୁ ଏକ ସୁସ୍ଥ ପରିବେଶ ଗଠନ ଲକ୍ଷରେ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ପ୍ଲାଷ୍ଟିକ ମୁକ୍ତ ପରିବେଶ ଶୀର୍ଷକ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗରାଜୁ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା। ନୂଆ-ଓ କାର୍ଯ୍ୟକ୍ରମର ସଂଯୋଜକ ତଥା ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡ଼.ଅତୁଲ କୁମାର ପ୍ରଧାନ ଏହାର ଲକ୍ଷ, ଉପଯୋଗୀତା ଏବଂ ସୁଦୁରପ୍ରସାରୀ ଲାଭ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶହେରୁ ଅଧିକ ଛାତ୍ରଛାତ୍ରୀ ଯୋଗଦାନ କରି ବିଶ୍ୱବିଦ୍ୟଳୟର ମୁଖ୍ୟ ଫାଟକରୁ ଆରମ୍ଭ କରି ଫାଟକ ବଜାର, ମାଲିପଡା, ଷ୍ଟେସନ ରୋଡ, ଆଦି ସ୍ଥାନରେ ଏକ ସଚେତନତା ପଦଯାତ୍ରା କରିଥିଲେ। ଏହା ବ୍ୟତୀତ ସମସ୍ତ ଦୋକାନୀଙ୍କୁ ପ୍ଲାଷ୍ଟିକ୍ ଛାଡି କପଡା ଏବଂ କାଗଜରେ ତିଆରି ଜିନିଷକୁ ବ୍ୟବହାର କରିବାକୁ ବୁଝାଇଥିଲେ। ଏଥିରେ ସହ ସଂଯୋଜକ ଏବଂ ଜାତୀୟ ସେବା ଯୋଜନାର ଡ.ନିନା ଦାସ ଏବଂ ଛାତ୍ର ମଙ୍ଗଳ ଅଧିକାରୀ ନୀଳମାଧବ ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

Name/Full Signature of Conveners
1. Dr.Atula Kumar Pradhan (Convener) Atula ku. Pradhan

Full signature of Departmental IQAC Coordinator

Full Signature of Head with seal Atula ku. Pradhan

Director, IQAC
Gangadhar Meher University
Sambalpur

REGISTRAR
GANGADHAR MEHER UNIVERSITY
SAMBALPUR